**NEW PAPER:** The Dharitri

**DATE:** 08.04.2018

**PAGE:** Page - 12

# ଏଏସ୍‌ବିଏମ୍ ପକ୍ଷରୁ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୭।୪

ପ୍ରମୁଖ ବି-ସ୍କୁଲ୍ ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ୧୧ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ ଡ. ଗୁରୁ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଏବଂ ଆଇଏଫ୍‌ସିଆଇର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶଙ୍କର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପିଜିଡିଏମ୍ ୨୦୧୬-୧୮ ବ୍ୟାଚ୍‌ର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୦୨୫ ଶେଷ ସୁଦ୍ଧା ଦେଶରେ ୧ଲକ୍ଷ ଷ୍ଟାର୍ଟ ଅପ୍ ୟୁନିଟ୍ ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି ବୋଲି କାର୍ଯ୍ୟକ୍ରମ ଅବସରରେ ମହାପାତ୍ର କହିଥିଲେ। ଏଥିରେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଡ. ବିଶ୍ୱଜିତ ପଟ୍ଟନାୟକଙ୍କୁ ଶିକ୍ଷା କ୍ଷେତ୍ରକୁ ଅବଦାନ ଲାଗି ପ୍ରଶଂସା କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଗି ଛାତ୍ରୀଛାତ୍ରଙ୍କୁ ରାଓ ଉତ୍ସାହିତ କରିଥିଲେ। ଏଏସ୍‌ବିଏମ୍ ବୋର୍ଡ ଅଫ୍ ଗଭର୍ନାନ୍ସ ଅଧ୍ୟକ୍ଷ ରବୀନ୍ଦ୍ର ଚାମେରିଆ ଉତ୍ସବରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀ ଅଙ୍କିତା ପରିଡାଙ୍କୁ ଶ୍ରେଷ୍ଠ ଗ୍ରାଜୁଏଟ ଭାବେ ଇନ୍‌ଫିନିଟି ଗୋଲ୍ଡ ମେଡାଲ ଏବଂ ବେଷ୍ଟ ଅଲ୍‌ରାଉଣ୍ଡର ଗୋଲ୍ଡ ମେଡାଲ୍ ପ୍ରଦାନ କରାଯାଇଥିଲା। ଉତ୍ସବକୁ ପିଜି କାଉନସିଲ୍ ପ୍ରଫେସର ଉଦୟନ ଦାସ ପରିଚାଳନା କରିଥିଲେ।




ଉତ୍ସବରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।